# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 16.08.2022 ରିଖ.

ସମୟ – ଅପରାହ୍ନ ଘ. 4.00 ଟିକା
ସ୍ଥାନ - ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧.ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଚେୟାରପରସନ୍
୨.ଶ୍ରୀ ରାଜକିଶୋର ଦାସ,
୩. ଶ୍ରୀ ଶିବ ପ୍ରସାଦ ବେହେରା,
୪. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୫. ଶ୍ରୀମତୀ ଯଶୋଧାରା ପ୍ରଧାନ,
୬. ଶ୍ରୀମତୀ ଅଲିଅଳି ମଲିକ୍,
୭. ଅସିୟା ବେଗମ୍

ଅଦ୍ୟ ତା 16.08.2022 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). MLA ଲାଡ୍ ଅର୍ଥରେ JEM ମାଧମରେ କ୍ରୟ ହେଉଥିବା ALS "D" type Ambulance ର ମାନ ଯାଂଚ୍ କରିବା ପାଇଁ ADUPHO, CMMO ଏବଂ AEE Mechanical ଙ୍କୁ ନେଇ ଗଠନ କରାଯାଇଥିବା Expert Committee ରେ ଆଉ ଦୁଇ ଜଣ କର୍ପୋରେଟରଙ୍କୁ ଅନ୍ତର୍ଗତ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଜ୍ଞାପନଫଳକ ଲଗାଉଥିବା Team Admark ସଂସ୍ଥା କେତେ ଟଙ୍କାରେ କେତେ ଏରିଆ ପାଇଁ ଟେଣ୍ଡର ନେଇଥିଲା ଏବଂ ସେ କେତେ ବିଜ୍ଞାପନଫଳକ ଲଗାଇଛନ୍ତି ଏବଂ କେତେ ଅର୍ଥ ନିଗମରେ ପଇଠ କରିଛନ୍ତି ତାହାର ସବିଶେଷ ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର ଉପ ଆୟୁକ୍ତ ରାଜସ୍ୱଙ୍କ ଉପରେ ସର୍ବ ସମ୍ମତିକ୍ରମେ ଦାୟିତ୍ୱ ନ୍ୟସ୍ତ କରାଗଲା ।

ନିର୍ଦ୍ଧାରଣ-୧(୩). BMC Tax on Advertisement Regulation-2006 ର Section-12 ଅନୁଯାୟୀ ସମସ୍ତ ବେସରକାରୀ Advertisement Agency ଭୁବନେଶ୍ୱର ମହାନଗର ନିଗମରେ Registered, renewal ବାବଦକୁ Security deposit କରି ବିଜ୍ଞାପନ ଲଗାଇବା ପାଇଁ ଅନୁମତି ନେବା ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ସମ୍ପୃକ୍ତ ଏଜେନ୍ସି ଦ୍ୱାରା ଦିଆଯାଇଥିବା Door to Door Numbering (DDN) survey ର House hold survey list ର data base କୁ ପୁନଃ ପରୀକ୍ଷା (crose check) କରିବା ନିମନ୍ତେ ଅତି କମ୍‌ରେ ପ୍ରତ୍ୟେକ ଜୋନ୍‌ର ଗୋଟିଏ ୱାର୍ଡ଼ରୁ survey list କୁ ଚେକ୍ କରିବା ପାଇଁ SOP ପ୍ରସ୍ତୁତ କରିବା ନିମନ୍ତେ ପଦକ୍ଷେପ ନେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 5.45 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/-ପ୍ରୀତିନନ୍ଦା ରାଉତରାୟ
ସଭାପତି
ତା 16.08.2022 ରିଖ